# ବୋଉ ପାଖକୁ ଚିଠି[୧]

ବୋଉ
ବଞ୍ଚିଥିଲା ବେଳେ
ଗାଁକୁ
ଖଣ୍ଡେ ହେଲେ ଚିଠି
ଲେଖିପାରୁନଥିଲି ।।

ଚିଠି ନପାଇ
ତୁଳସୀ ଚଉରା ମୂଳେ
ବୋଉ
ଲୁଚେଇ ଲୁଚେଇ
କେତେ କାନ୍ଦି ନ ଥିବ ।।
ଖାଇବି ନ ଥିବ
କେତେ ଦିନ
କେତେ ରାତି ।।

ଏବେ ସବୁଦିନ ପାଇଁ
ବୋଉ ହଜି ଯାଇଛି ।।
ବୋଉ ହଜି ଯାଇଛି ବୋଲି ତ
ବିନା ଠିକଣାରେ
ବୋଉ ପାଖକୁ
ଚିଠି ଲେଖୁଛି.....

---

[୧] ଆବର୍ତ୍ତ–୧୯୯୮